# ପ୍ରେସ୍ ବିଜ୍ଞପ୍ତି

**ଉଚ୍ଚ ଶିକ୍ଷା ବିଭାଗ**

ଆଜି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ମାନ୍ୟବର ମନ୍ତ୍ରୀ ଡ଼ଃ ଅରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଉଚ୍ଚ ଶିକ୍ଷା ସମ୍ବନ୍ଧୀୟ ଏକ Video Conference ଅନୁଷ୍ଠିତ ହୋଇଥିଲା । ଏହି Video Conference ରେ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସରକାରୀ University ମାନଙ୍କର Vice Chancellor ମାନେ ଏବଂ ରାଜ୍ୟର ସରକାରୀ ଓ ଅନୁଦାନ ପ୍ରାପ୍ତ ବେସରକାରୀ Autonomous College ମାନଙ୍କର Principal ମାନେ ଉପସ୍ଥିତ ଥିଲେ ।

ବଦଳୁଥିବା COVID-19ର ସ୍ଥିତିକୁ ଅନୁଧାନ କରି କିପରି Under Graduation ଓ Post Graduation ପାଠ୍ୟକ୍ରମର Final Semester / Final Year ପରୀକ୍ଷା ହୋଇପାରିବ, ସେ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ଓଡ଼ିଶାର COVID-19ର Trendକୁ ଦେଖିଲା ପରେ, ଅନେକ Vice Chancellor ଓ Principal ମାନେ Final ପରୀକ୍ଷା କରିବାରେ ଯେଉଁ ସମସ୍ୟା ଉପୁଜିବ, ସେ ବିଷୟରେ ବିଭାଗକୁ ଅବଗତ କରାଇଥିଲେ । COVID-19ର ମାର୍ଗଦର୍ଶିକାକୁ କୌଣସି ପରିସ୍ଥିତିରେ ପରିବର୍ତ୍ତନ କରାଯାଇପାରିବ ନାହିଁ, ଏଥି ସହିତ ସାମାଜିକ ଦୂରତ୍ୱ ଓ Sanitization ଆଦିକୁ କଡାକଡ଼ି ଭାବେ ପାଳନ କରାଯିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ମୂଲ୍ୟାୟନର ବିକଳ୍ପ ବ୍ୟବସ୍ଥା ଅନୁସରଣ କରିବା ଅଧିକ ବ୍ୟବହାରିକ ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା ।

ଅନ୍ୟ ରାଜ୍ୟର University ଏବଂ ଉଚ୍ଚ ଶିକ୍ଷା ସଂସ୍ଥାଗୁଡ଼ିକ କିପରି COVID-19 ପରିସ୍ଥିତି ଯୋଗୁଁ ସମସ୍ତ ପରୀକ୍ଷା ବାତିଲ କରି ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥା କରିଛନ୍ତି, ସେ ବିଷୟରେ Odisha State Higher Education Council ର ଉପାଧକ୍ଷ ଏବଂ କିଛି Vice Chancellor ମାନେ ବିଭାଗକୁ ଜଣାଇଥିଲେ ।

ବିସ୍ତୃତ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ June ରୁ August ମାସ ମଧରେ ଧାର୍ଯ୍ୟ କରଯାଇଥିବା UG ଓ PG ପାଠ୍ୟକ୍ରମର Final Year ବା Final Semester ପରୀକ୍ଷା ବର୍ତ୍ତମାନ ପରିସ୍ଥିତିରେ ସୁରୁଖୁରୁରେ ହେବାର ସମ୍ଭାବନା କମ୍ ଦେଖାଯାଉଛି । COVID-19କୁ ରୋକିବାକୁ ହେଲେ ଏହି ପରୀକ୍ଷାସବୁ ବାତିଲ କରିବାକୁ ହେବ ବୋଲି ସଂଖ୍ୟାଧିକ Vice Chancellor ଓ Principal ମାନେ ମତାମତ ଦେଇଥିଲେ ।

ତେଣୁ, ଏହି ପରିସ୍ଥିତିରେ, ରାଜ୍ୟରେ COVID-19କୁ ପ୍ରତିହତ କରିବା ପାଇଁ ଓ ଛାତ୍ରଛାତ୍ରୀଙ୍କର ସୁରକ୍ଷା ପାଇଁ, ରାଜ୍ୟ ସରକାର ନିମ୍ନଲିଖିତ ନିଷ୍ପତି ନେଇଛନ୍ତି ।

(୧) UG ଓ PG ପାଠ୍ୟକ୍ରମର Final Semester / Final Year ର ବାକି ଥିବା Theory ଓ Practical ର ସବୁ ପରୀକ୍ଷା ବାତିଲ କରାଯିବ ।

(୨) University ଓ Autonomous College ମାନେ UGC Recommendation ଅନୁଯାୟୀ ବିକଳ୍ପ ମୂଲ୍ୟାୟନ ଜରିଆରେ Final Year / Final Semester ଗୁଡ଼ିକର ମୂଲ୍ୟାୟନ କରି ଅଗଷ୍ଟ ମାସ ଶେଷ ସୁଦ୍ଧା UG ଓ PG ର Result publish କରାଇବେ ।

(୩) ବିକଳ୍ପ ମୂଲ୍ୟାୟନ ଜରିଆରେ Final Year/ Final Semester ର ପ୍ରତ୍ୟେକ ବିଷୟ ପାଇଁ ନିମ୍ନଲିଖିତ ଭାବେ ମୂଲ୍ୟାୟନ କରି Mark ଦିଆଯିବ ।

(Prescribed Weightage ଅନୁସାରେ Internal Mark) **+** (Remaining Weigthage ପାଇଁ Average of Marks Obtained in all previous Semesters/ years in that subject)

(୪) ଯେଉଁ ଛାତ୍ରଛାତ୍ରୀ ଭାବିବେ ଯେ ସେମାନେ Final Year ବା Final Semester ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥାରେ ପାଇଥିବା Mark ଠାରୁ ଅଧିକ Mark ପାଇବା ପାଇଁ ହକ୍‌ଦାର, ସେମାନଙ୍କ ପାଇଁ University ଓ Autonomous College ମାନେ November, ୨୦୨୦ ମଧ୍ୟରେ ସାଧାରଣ ରୀତିରେ ପରୀକ୍ଷା କରାଇବେ, ଯାହାର Mark ଅନୁସାରେ ସେହି ଛାତ୍ରଛାତ୍ରୀଙ୍କ Revised Result December, ୨୦୨୦ ମଧ୍ୟରେ Publish କରାଯିବ ।

(୫) ଯେଉଁ University ଓ Autonomous College ମାନଙ୍କର UG ଓ PG ର Theory ବା Practical ପରୀକ୍ଷା ପୂର୍ବରୁ ହୋଇସାରିଛି, ସେହି ପରୀକ୍ଷା ପାଇଁ ଉପରୋକ୍ତ ନିଷ୍ପତି ଲାଗୁ ହେବନାହିଁ । ସେହି ପରୀକ୍ଷା ସବୁ ସାଧାରଣ ପ୍ରଣାଳୀରେ ମୂଲ୍ୟାୟନ ହେବ ।

(୬) ଯେଉଁ Final Semester / Final Year ଛାତ୍ରଛାତ୍ରୀଙ୍କର ଗୋଟିଏ କିମ୍ବା ଦୁଇଟି Back Paper ଥିବ, ତାଙ୍କ ପାଇଁ ସେହି Back Paper ପରୀକ୍ଷା ବାତିଲ କରାଯିବ । Proportionate Quotient (P-Q) ବା ଅନ୍ୟ କୌଣସି Method ଜରିଆରେ Back Paper Evaluation କରାଯିବ ।

(୭) ଯେଉଁ Final Year ବା Final Semester ଛାତ୍ରଛାତ୍ରୀଙ୍କର ଦୁଇରୁ ଅଧିକ Back Paper ଥିବ, ସେମାନେ ସବୁ Back Paper ପାଇଁ ସାଧାରଣ ରୀତିରେ ପରୀକ୍ଷା ଦେବେ ଯାହାର କାର୍ଯ୍ୟସୂଚୀ ସଂପୃକ୍ତ University ଓ Autonomous College ମାନେ COVID-19 ସ୍ଥିତିକୁ ଦେଖି ଧାର୍ଯ୍ୟ କରିବେ ।

(୮) Medical ପାଠ୍ୟକ୍ରମ ବ୍ୟତୀତ, ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା University ଓ Autonomous College ମାନଙ୍କର ବାକି ସମସ୍ତ ପାଠ୍ୟକ୍ରମ ପାଇଁ ଏହି ନିଷ୍ପତି ଲାଗୁ ହେବ । Medical ପାଠ୍ୟକ୍ରମର ସମସ୍ତ ପରୀକ୍ଷା ଧାର୍ଯ୍ୟ ତାରିଖରେ ଯଥାରୀତି ସଂପାଦିତ ହେବ ।